# ଉପ-ଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, (ଦେବୋତ୍ତର),ପାଟଣାଗଡ

ପତ୍ରସଂଖ୍ୟା ୮୪୨ ତା. ୧୨.୦୩.୨୦୨୪

## ନିଲାମ ବିଜ୍ଞାପନ

ଏତ ଦ୍ଵାରା ଏହି ବିଜ୍ଞାପନ ମାଧ୍ୟମରେ ସମସ୍ତଙ୍କୁ ସୂଚୀତ କରିଦିଆଯାଉଛି ଯେ ହରିଶଙ୍କର ମନ୍ଦିର ବିଭିନ୍ନ ଆୟ ଉତ୍ସ ଗୁଡିକର ପରିଚାଳନା 2024 -25 ଆର୍ଥିକ ବର୍ଷ ରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କରାଯିବାକୁ ଦେବୋତ୍ତର କମିଟୀ ଦ୍ଵାରା ସ୍ଥିରକରାଯାଇ ନିମ୍ନଲିଖିତ ସଂଦର୍ଭ ଓ ସର୍ତ୍ତାବଳୀ ଅନୁଯାୟୀ ଅଭିବ୍ୟକ୍ତି ପ୍ରକାଶନ (Expression of Interest) ଆହ୍ଵାନ କରାଯାଉଛି। ହରିଶଙ୍କର ମନ୍ଦିରର ୧୦ କି.ମି. ବ୍ୟାସାର୍ଦ୍ଧ ପରିସର ଅନ୍ତର୍ଗତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ଏଥିରେ ଅଂଶ ଗ୍ରହଣ କରିପାରିବେ । ସମ୍ପୃକ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ସର୍ବନିମ୍ନ ତିନି ବର୍ଷ ପୂରଣ କରିଥିବେ, କୌଣସି ଜୀବିକା ନିର୍ବାହ ପନ୍ଥା ରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରୁଥିବେ ଏବଂ ସମସ୍ତ ଆନୁଷଙ୍ଗିକ ରେକର୍ଡ ପରିଚାଳନା କରୁଥିବେ ।

1. ଏହି ଅଭିବ୍ୟକ୍ତି ପ୍ରକାଶନ (Expression of Interest) ଗ୍ରହଣ ତା.୧୩.୦୩.୨୦୨୪ ରୁ ତା.୨୭.୦୩.୨୦୨୪ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବଳବତ୍ତର ରହିବ । କୌଣସି କାର୍ଯ୍ୟ ବଶତଃ ଯଦି ତା.୨୭.୦୩.୨୦୨୪ ସିଦ୍ଧ ନ ହୁଏ ପରବର୍ତ୍ତୀ ତା.୨୮.୦୩.୨୦୨୪ କିମ୍ବା ତା.୩୦.୦୩.୨୦୨୪ ରେ ସିଦ୍ଧ କରିବା ପାଇଁ ବୈଠକ ଡକାଯିବ । (କେବଳ ସରକାରୀ କାର୍ଯ୍ୟ ଦିବସରେ)

2. ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ଏହି ଅଭିବ୍ୟକ୍ତି ପ୍ରକାଶନ (Expression of Interest) ର ସମସ୍ତ ଦସ୍ତାବିଜ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର, ପାଟଣାଗଡ ଙ୍କ କାର୍ଯ୍ୟାଳୟ ତଥା ୱେବ ସାଇଟ (www.balangir.nic.in) ରୁ ଡାଉନଲୋଡ କରିପାରିବେ ।

3. ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ସରକାରୀ ଧାର୍ଯ୍ୟ ମୂଲ୍ୟର ୧% ଅର୍ଥ ଅମାନତ ଦେୟ ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର, ପାଟଣାଗଡ (Sub-Collector, Patnagarh) ଙ୍କ ସପକ୍ଷରେ Demand Draft ଆକାରରେ (ଯାହାକି ପାଟଣାଗଡ ରେ ଉଠାଣ କରାଯିବ) ବିଡ ଫର୍ମ ସହ ଦାଖଲ କରିବେ ।

4. ନିମ୍ନୋକ୍ତ ଉଲ୍ଲେଖ ସମ୍ବଳିତ ୧୦/- ଟଙ୍କା ର Non Judicial stamp ପେପର ରେ ଏକ ଘୋଷଣା ନାମା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବିଡ ଫର୍ମ ସହ ସଂଲଗ୍ନ କରିବେ ଏବଂ ଜଉମୁଦ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ବାକ୍ସ ରେ ପକାଇବେ ।

ଘୋଷଣାନାମା

- ଆମ୍ଭେ (ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନାମ) କୌଣସି ବ୍ୟାଙ୍କ ଅଥବା ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଦ୍ଵାରା ପ୍ରଦତ୍ତ ଋଣ ପରିଶୋଧ କରିବାରେ ଖିଲାପ କରିନାହୁଁ ।
- ଯଦି ଆମ୍ଭେ (ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନାମ) ..................... ଆର୍ଥିକ ଉତ୍ସ ପରିଚାଳନା ନିମନ୍ତେ ଦାୟିତ୍ଵ ନ୍ୟସ୍ତ କରାଯିବାପରେ ଚୁକ୍ତି ଅବଧି ମଧ୍ୟରେ ଦାୟିତ୍ଵ ତୁଲାଇବାରେ ଅଥବା ସେବା ପ୍ରଦାନ ରେ

ବିଫଳ ହେବୁ ତେବେ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନାରେ ଦାୟିତ୍ୱ ନିର୍ବାହ ପାଇଁ ଯୋଗ୍ୟ ବିବେଚିତ ହେବୁନାହିଁ ।

❖ ଆମ୍ଭେ (ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନାମ) କୌଣସି ପୂର୍ବବର୍ତ୍ତୀ ଦାୟିତ୍ୱ ତୁଲାଇବା ସମୟରେ କଳା ତାଲିକା ଭୁକ୍ତ ହୋଇନାହୁଁ ।

❖ ଆମ୍ଭେ (ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନାମ) କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର,ପାଟଣାଗଡଙ୍କ ସହ ସ୍ୱାକ୍ଷରିତ ବୁଝାମଣା ଜ୍ଞାପନ ପତ୍ର (Memorandum of understanding) ର ସର୍ତ୍ତାବଳି ଅନୁପାଳନ କରିବୁ।

5. ନିର୍ଦ୍ଧାରିତ ଅବଧିପରେ କୌଣସି ଅଭିବ୍ୟକ୍ତି ପ୍ରକାଶନ (Expression of Interest) ବିଚାରକୁ ନିଆଯିବନାହିଁ ।

6. ସମସ୍ତ ଜଉମୁଦ ଲଫାପା ଗୁଡିକ ତା.୨୭.୦୩.୨୦୨୪ ଅପରାହ୍ନ ୩.୦୦ ଟା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲା ଯିବାକୁ ସ୍ଥିରୀକୃତ ହୋଇଅଛି । କୌଣସି କାର୍ଯ୍ୟ ବଶତଃ ଯଦି ତା.୨୭.୦୩.୨୦୨୪ ସିଦ୍ଧ ନ ହୁଏ ପରବର୍ତ୍ତୀ ତା.୨୮.୦୩.୨୦୨୪ କିମ୍ବା ତା.୩୦.୦୩.୨୦୨୪ ରେ ସିଦ୍ଧ କରିବା ପାଇଁ ବୈଠକ ଡକାଯିବ । ଉକ୍ତ ତାରିଖରେ ଯଦି କୌଣସି ଉତ୍ସ ପାଇଁ ଅଭିବ୍ୟକ୍ତି ପ୍ରକାଶନ (Expression of Interest) ଦାଖଲ କରାଯାଇନଥିବ ତାହାହେଲେ ତା.୩୦.୦୩.୨୦୨୪ ରୁ ୦୪.୦୪.୨୦୨୪ ତାରିଖ ୨.୦୦ ଘଟିକା ମଧ୍ୟରେ ଜଉମୁଦ ଲଫାପା ନିର୍ଦ୍ଧାରିତ ବାକ୍ସରେ ଦାଖଲ କରିପାରିବେ ଏବଂ ସେଗୁଡିକ ଅପରାହ୍ନ ୩.୦୦ ଟା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲା ଯିବାକୁ ସ୍ଥିରୀକୃତ ହୋଇଅଛି ।

7. ଅଭିବ୍ୟକ୍ତି ପ୍ରକାଶନ (Expression of Interest) ଲଫାପା ଗୁଡିକ ଖୋଲାଯିବା ସମୟରେ ବିଡ ରେ ଅଂଶ ଗ୍ରହଣ କରିଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ପ୍ରତିନିଧି ଉପସ୍ଥିତରହିବେ । ସମ୍ପୃକ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ପ୍ରତିନିଧି ଙ୍କ ଅନୁପସ୍ଥିତିରେ କମିଟି ଅଭିବ୍ୟକ୍ତି ପ୍ରକାଶନ (Expression of Interest) ଲଫାପା କୁ ଖୋଲିପାରିବେ ।

8. କୌଣସି ଉତ୍ସ ପାଇଁ ସର୍ବୋଚ୍ଚ ମୂଲ୍ୟ ଯାଚିକା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର, ପାଟଣାଗଡଙ୍କ ସହ ବୁଝାମଣା ଜ୍ଞାପନ ପତ୍ର (Memorandum of understanding) ସ୍ୱାକ୍ଷରକରିବେ । ତତ ସଙ୍ଗେ ସଙ୍ଗେ ଚୁକ୍ତି ମୂଲ୍ୟର ୧୦% ଅର୍ଥ ପ୍ରତିମାସର ୫ ତାରିଖ ମଧ୍ୟରେ ଅଗ୍ରୀମ କିସ୍ତି ଆକାରରେ ପଇଠ କରିବେ । ଚୁକ୍ତି ମୂଲ୍ୟ ସର୍ବାଧିକ ୧୦ଟି କିସ୍ତିରେ ଭରଣା କରାଯିବ ।

9. ସର୍ବୋଚ୍ଚ ମୂଲ୍ୟ ଯାଚିକା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ଅମାନତ ରାଶି ଶେଷ କିସ୍ତିରେ ଭରଣା କରାଯିବ । ଅନ୍ୟ ମାନଙ୍କର ଅମାନତ ରାଶି ଯଥା ଶୀଘ୍ର ଫେରସ୍ତ କରାଯିବ ।

10. ଏହି ଉଦ୍ଦେଶ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର, ପାଟଣାଗଡଙ୍କ ଦ୍ୱାରା ଗଠିତ ଏକ କମିଟୀ ଦ୍ୱାରା ବିଭିନ୍ନ ପରିମାପକ ଯଥା ଗୋଷ୍ଠୀ ଗଠନର ବର୍ଷ, ଗୋଷ୍ଠୀର ପରିଚାଳନା, ଆୟକାରୀ କାର୍ଯ୍ୟବିଧ ରେ ଅଂଶଗ୍ରହଣ, ଆର୍ଥିକ ବ୍ୟବହାର, ଦଳଗତ ନିଷ୍ଠା ଓ ସାଧୁତା ଏବଂ ଯୋଗ୍ୟତା ଭିତ୍ତିରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମୂଲ୍ୟାୟନ କରାଯିବ ଏବଂ ଏ ସଂପର୍କରେ କମିଟିର ନିଷ୍ପତ୍ତି ଚୂଡାନ୍ତ ବୋଲି ଗ୍ରହଣ କରାଯିବ । ଅନ୍ୟକୌଣସି କ୍ଷେତ୍ରରେ ଏହି ନିଷ୍ପତ୍ତି ରେ ପରିବର୍ତ୍ତନ ହେବ ନାହିଁ ଓ ଏ ସଂପର୍କରେ ଆବେଦନକାରୀ ଅଣ୍ଡରଟେକିଙ୍ଗ ଦେବେ ।

11. ବିଡ଼ ରେ ଅଂଶ ଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପୂର୍ବ ରେକର୍ଡ଼ ତଥା ବିଶ୍ୱସନୀୟତା ରେ ଅସନ୍ତୋଷ କ୍ଷେତ୍ର ରେ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର, ପାଟଣାଗଡ ସମ୍ପୃକ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବିଡ଼ ଆବେଦନ ଖାରଜ କରି ପାରିବେ ।

12. କମିଟିର ନିଷ୍ପତ୍ତି ସମ୍ପର୍କ ରେ କୌଣସି ଅଭିଯୋଗ ଟେଲିଫୋନ, ଫ୍ୟାକ୍ସ, ଇ ମେଲ ଅଥବା ବ୍ୟକ୍ତିଗତ ସାକ୍ଷାତ ଗ୍ରହଣୀୟ ହେବନାହିଁ ।

13. ସେବାର ଗୁଣବତ୍ତା ସଂକ୍ରାନ୍ତ ରେ କୌଣସି ବିବାଦ ଉପୁଜିଲେ ପ୍ରାଧିକୃତ କର୍ମକର୍ତ୍ତା ଙ୍କ ଦ୍ୱାରା ଯାଞ୍ଚ କରାଯିବ ।

ପ୍ରକାଶ ଥାଉକି:- ୧. ସର୍ବୋଚ୍ଚ ନିଲାମ ଗ୍ରହଣ କିମ୍ବା ନାକଚ କରିବା ଅଧିକାର କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି ।

୨.ଏହି ନିଲାମ ଖୋଲାପକାରୀ ଗୋଷ୍ଠୀମାନଙ୍କୁ ଦିଆଯିବ ନାହିଁ ।

୩.କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉକ୍ତ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

ବି.ଦ୍ର- ସର୍ବୋଚ୍ଚ ନିଲାମଧାରୀଙ୍କ ମୂଲ୍ୟ ଯୁକ୍ତି ସଂଗତ ହେବା ଉଚିତ, ଅନ୍ୟଥା ଏହା କାର୍ଯ୍ୟକାରୀ ହେବ ନାହିଁ ।

**ହରିଶଙ୍କର ମନ୍ଦିରରେ ନିଲାମ ହେବାକୁ ଥିବା ଉତ୍ସ ଗୁଡିକର ତାଲିକା**

| କ୍ର. ନ | ଉତ୍ସ ର ନାମ | ଧାର୍ଯ୍ୟ ସରକାରୀ ମୂଲ୍ୟ | ଅମାନତ ରାଶି | ନିଲାମ ଅବଧି | ମନ୍ତବ୍ୟ |
| --- | --- | --- | --- | --- | --- |
| ୧ | ନଡିଆ ଓ ଶୁଖା ଭୋଗ | ଟ. ୧୮,୯୫,୩୦୦ /- | ଟ. ୧୮,୯୫୩/- | 2024-25 (01.04.2024 ରୁ 31.03.2025) | ମୂଲ୍ୟ ଟ. ୩୦ ଙ୍କା ରେ ନଡିଆ, ଧୂପକାଠି, ଦୀପ, ସିନ୍ଦୁର ଓ ମୂଲ୍ୟ ଟ.୩୦ ଙ୍କା ରେ ଅନ୍ୟାନ୍ୟ ଖଇ, ଲଡୁ, ଗଜା ଇତ୍ୟାଦି । |
| ୨ | ଅନ୍ନ ଭୋଗ | ଟ. ୨୪,୨୦,୧୧୧/- | ଟ.୨୪,୨୦୨/- | 2024-25 (01.04.2024 ରୁ 31.03.2025) | ମୂଲ୍ୟ ଟ. ୭୦ ଙ୍କା ରେ ଉପଯୁକ୍ତ ମାନର ସାରୁ ଅରୁଆ ଚାଉଳ (ସମନ,ବିପିଟି,ଏଚ ଏମ ଟି), ମୁଗ ଡାଲି, ଖିରି ରେ ବାସମତୀ ଚାଉଳ, (ସ୍ୱାଦିଷ୍ଟ)ଖଟା-ଋତୁ ଅନୁଯାୟୀ, ତରକାରୀ-ଋତୁ ଅନୁଯାୟୀ |
| ୩ | ଟିକସ ଆଦାୟ, ମାଳି ଓ ଚୁଡି, ଚା ଓ ବିସ୍କୁଟ ଦୋକାନ, ବାହାର ଫଟୋଗ୍ରାଫି | ଟ. ୧୧,୮୮,୪୩୫/- | ଟ.୧୧,୮୮୪/- | 2024-25 (01.04.2024 ରୁ 31.03.2025) | |
| ୪ | ଦୁଇ ଚକିଆ ଯାନ ର ପାର୍କିଂ ଫି, ଯାନବାହାନ ପ୍ରବେଶ ଓ ପାର୍କିଂ ଫି (ତିନି ଚକିଆ ରୁ ଊର୍ଦ୍ଧ୍ୱ ) | ଟ. ୨୩,୩୩,୧୦୦/- | ଟ.୨୩,୩୩୧/- | 2024-25 (01.04.2024 ରୁ 31.03.2025) | ଦୁଇ ଚକିଆ –ଟ. ୧୦.୦୦ ଙ୍କା<br>ତିନି ଚକିଆ- ଟ. ୩୦.୦୦ ଙ୍କା<br>ଚାରି ଚକିଆ - ଟ. ୫୦.୦୦ ଙ୍କା<br>ବସ-. ଟ. ୧୦୦.୦୦ ଙ୍କା |

ଉପ-ଜିଲ୍ଲାପାଳ -ତଥା-କାର୍ଯ୍ୟନିର୍ବାହୀ
ଅଧିକାରୀ ଦେବୋତ୍ତର ,ପାଟଣାଗଡ

ଜ୍ଞାପକ ସଂଖ୍ୟା ୫୪୩ ତା. ୧୨.୦୩.୨୦୨୪

ଏହାର ଏକକିତା ନକଲ ଦେବୋତ୍ତର କମିଶନର, ଓଡିଶା,ଭୁବନେଶ୍ୱର/ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, ସମ୍ବଲପୁର/ଜିଲ୍ଲାପାଳ, ବଲାଙ୍ଗିର/ସମସ୍ତ ତହସିଲଦାର, ବଲାଙ୍ଗିର ଜିଲ୍ଲା/ ସମସ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ/ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,ବିଜ୍ଞାପିତ ଅଞ୍ଚଳ ପରିଷଦ,ବଲାଙ୍ଗିର ଜିଲ୍ଲା ତଥା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ ବୋର୍ଡରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲି ସହକାରୀ ମ୍ୟାନେଜର ହରିଶଙ୍କର ମନ୍ଦିର ଙ୍କ ଅବଗତି ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ Mission Shakti, DPC Balangir/ C.D.P.O, Patnagarh/Belpada/Khaprakhol ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ନିଜ ଅଞ୍ଚଳ ରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ (S.H.G.) ମାନଙ୍କୁ ଅବଗତ କରାଇବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ତହସିଲଦାର, ଖପ୍ରାଖୋଲ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା, ଯେ ଉକ୍ତ ନିଲାମ ର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଂପାଦନ କରିବାପାଇଁ ଅନୁରୋଧ କରାଗଲା ।

ଉପ-ଜିଲ୍ଲାପାଳ -ତଥା-କାର୍ଯ୍ୟନିର୍ବାହୀ
ଅଧିକାରୀ ଦେବୋତ୍ତର ,ପାଟଣାଗଡ

ଜ୍ଞାପକ ସଂଖ୍ୟା ୫୪୪ ତା. ୧୨.୦୩.୨୦୨୪

ଏହାର ଏକକିତା ନକଲ District Information Officer, NIC, Balangir ଙ୍କ ଅବଗତି ନିମନ୍ତେ ଓ ଅଭିବ୍ୟକ୍ତ ପ୍ରକାଶନ (Expression of Interest) କୁ ୱେବ ସାଇଟରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଉପ-ଜିଲ୍ଲାପାଳ -ତଥା-କାର୍ଯ୍ୟନିର୍ବାହୀ
ଅଧିକାରୀ ଦେବୋତ୍ତର ,ପାଟଣାଗଡ

## ଜଉମୁଦ ଅଭିବ୍ୟକ୍ତ ପ୍ରକାଶନ (Expression of Interest) ନିମନ୍ତେ ଆବେଦନ ଫର୍ମ

## ଆର୍ଥିକବର୍ଷ-2024-2025

1. ମନ୍ଦିର ନାମ :
2. ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ନାମ. :
3. ଗ୍ରାମ :
4. ପୋ.ଅ :
5. ଥାନା- :
6. ଧାର୍ଯ୍ୟ ସରକାରୀ ମୂଲ୍ୟ : ଟ...............................
7. ସମ୍ପତ୍ତିର ନାମ :
8. ଅମାନତ ଜମା : ଟ...............................
9. ଡିମାଣ୍ଡ ଡ୍ରାଫ୍ଟ ନମ୍ବର : ତା...............................
10. ଟେଣ୍ଡର ଦେବା ନିମନ୍ତେ ସର୍ବୋଚ୍ଚ ମୂଲ୍ୟ : ଟ...............................

ଘୋଷଣା

ଆମ୍ଭେ, ..............................................................................................................ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମ..............................................ପୋ.ଅ........................................ଜିଲ୍ଲା.......................................... ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳି କୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଠିକ ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

ଟେଣ୍ଡର ଦାଖଲକାରୀଙ୍କ

ବିଦ୍ର- ଏଥି ସହିତ ବିଜ୍ଞାପନ ର କ୍ରମିକ ନମ୍ବର ୪ ମୁତବକ
ଘୋଷଣାନାମା Non Judicial Stamp ସଂଲଗ୍ନ କରାଗଲା

ଦସ୍ତଖତ

ମୋ.ନଂ